# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 17 June – 2026

**********************************

## ମୁଖ୍ୟ ସମ୍ବାଦ

- ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଓ ଆତ୍ମନିର୍ଭରଶୀଳତା ଜାତୀୟ ସୁରକ୍ଷା କ୍ଷେତ୍ର ପାଇଁ ଦୃଢ଼ ଭିତ୍ତିଭୂମି ପ୍ରତିଷ୍ଠା କରିଛି : କହିଲେ ପ୍ରଧାନମନ୍ତ୍ରୀ ।
- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାରି ରହିଛି ପାଠ୍ୟପୁସ୍ତକ ତ୍ରୁଟି ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକ ।
- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପୁଣ୍ୟତିଥିରେ ରାଜ୍ୟବାସୀ ଜଣାଉଛନ୍ତି ଶ୍ରଦ୍ଧାଞ୍ଜଳି ।

ଏବଂ

- "ପ୍ରତ୍ୟେକ ପିଢ଼ି ପାଇଁ ଗୁରୁତ୍ୱ"ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ କୁମ୍ଭୀର ଦିବସ ।

# ପିଏମ୍-ଡିଫେନ୍ସ

ଦେଶର ପ୍ରତିରକ୍ଷା କ୍ଷମତାରେ ଗତ ୧୨ ବର୍ଷ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ପରିଲକ୍ଷିତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆତ୍ମନିର୍ଭରଶୀଳ ଦୃଷ୍ଟିକୋଣ ଆଧାରରେ ନବସୃଜନ, ପ୍ରଯୁକ୍ତିବିଦ୍ୟା ଏବଂ ସ୍ୱଦେଶୀ ଉତ୍ପାଦନ ବ୍ୟାପକ ହୋଇଛି। ସାମାଜିକ ଗଣମାଧ୍ୟମରେ ପୋଷ୍ଟକରି ଶ୍ରୀ ମୋଦୀ କହିଛନ୍ତି, ଆକାଶ, ସ୍ଥଳ ଏବଂ ଜଳଭାଗରେ ଭାରତ ନିଜର ପ୍ରତିରକ୍ଷା ଦକ୍ଷତାକୁ ଅଧିକ ସଶକ୍ତ କରିପାରିଛି। ବିକଶିତ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଏବଂ ଆତ୍ମନିର୍ଭରଶୀଳତା ଜାତୀୟ ସୁରକ୍ଷା କ୍ଷେତ୍ର ପାଇଁ ଏକ ଦୃଢ଼ ଭିତ୍ତିଭୂମି ପ୍ରତିଷ୍ଠା କରିପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଗତ ୧୨ ବର୍ଷ ମଧ୍ୟରେ ଭାରତ ସୁରକ୍ଷା ଦୃଷ୍ଟିରୁ ସଶକ୍ତ ହୋଇପାରିଛି। ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ବାହ୍ୟ ଶତ୍ରୁଙ୍କ ଉପରେ  ବିନାଶକାରୀ ପଦକ୍ଷେପକୁ ସୁନିଶ୍ଚିତ କରାଯାଇପାରିଛି। ସର୍ଜିକାଲ୍ ଷ୍ଟ୍ରାଇକ୍, ଏୟାର ଷ୍ଟ୍ରାଇକ ଓ ଅପରେସନ ସିନ୍ଦୂର ଭଳି ପଦକ୍ଷେପ ସୀମାପାର ଶତ୍ରୁଙ୍କୁ ଦୃଢ଼ ଜବାବ ଦେଇପାରିଛି। ଭାରତ ସ୍ୱଦେଶୀ ଯୁଦ୍ଧବିମାନ ନିର୍ମାଣରେ ପୂର୍ଣ୍ଣ କ୍ଷମତା ହାସଲ କରି ପ୍ରତିରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଉନ୍ନୟନ ଅଭିଯାନ ଅଭୁତପୂର୍ବ ଗତି ଲାଭ କରିଛି। ୧ ହଜାରରୁ ଊର୍ଦ୍ଧ୍ୱ

ପ୍ରତିରକ୍ଷା ଷ୍ଟାର୍ଟ-ଅପ୍ ଏହି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିଛି। ଗତ ୧୨ ବର୍ଷ ମଧ୍ୟରେ ଦେଶର ପ୍ରତିରକ୍ଷା ରପ୍ତାନୀ ୫୬ ଗୁଣ ବୃଦ୍ଧି ପାଇ ୨୦୨୫-୨୬ ଆର୍ଥିକ ବର୍ଷରେ ୩୮ ହଜାର ୪୦୦ କୋଟିରେ ପହଞ୍ଚିଛି। ଭାରତର ପ୍ରଥମ ସ୍ୱଦେଶୀ ବିମାନବାହୀ ଯୁଦ୍ଧଜାହାଜ ଆଇଏନ୍ଏସ୍ ବିକ୍ରାନ୍ତ ଦେଶକୁ ବିଶ୍ୱର ଅଗ୍ରଣୀ ନୌସାମରିକ ରାଷ୍ଟ୍ରମାନଙ୍କ ମଧ୍ୟରେ ସ୍ଥାନିତ କରିଛି। ଦେଶର ଉତ୍ତର-ପୂର୍ବ ଅଞ୍ଚଳଗୁଡ଼ିକରେ ୧୨ଟିରୁ ଅଧିକ ସ୍ୱାକ୍ଷରିତ ହୋଇଥିବା ଚୁକ୍ତି ଆଭ୍ୟନ୍ତରୀଣ ସୁରକ୍ଷା କ୍ଷେତ୍ରକୁ ସଶକ୍ତ କରିପାରିଛି। ଜାତୀୟ ସୁରକ୍ଷା ପ୍ରତି ସରକାରଙ୍କ ଅଙ୍ଗୀକାରବଦ୍ଧତା ବିଶ୍ୱସ୍ତରରେ ଭାରତକୁ ଏକ ପ୍ରଶଂସାଯୋଗ୍ୟ ରାଷ୍ଟ୍ରରେ ପରିଣତ କରିଛି।

BBSR

## ପାଠ୍ୟପୁସ୍ତକ ତ୍ରୁଟି

ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପାଠ୍ୟପୁସ୍ତକ ତ୍ରୁଟି ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକ ଜାରି ରହିଛି। ବୈଠକରେ ଗଣଶିକ୍ଷା ବିଭାଗ ସଚିବ, ଓସେପା ନିର୍ଦ୍ଦେଶକ, ରାଜ୍ୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ – ଏସ୍‌ସିଇଆର୍‌ଟି’ର ନିର୍ଦ୍ଦେଶକ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ପାଠ୍ୟପୁସ୍ତକରେ ଥିବା ତ୍ରୁଟି ସମ୍ପର୍କରେ ଆଲୋଚନା କରୁଛନ୍ତି। ସୂଚନାଯୋଗ୍ୟ ରାଜ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ ହେବାପରେ ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଥିଲା। ମାତ୍ର ପୁସ୍ତକରେ ମାତ୍ରାଧିକ

ତ୍ରୁଟି ଦୃଷ୍ଟିଗୋଚର ହେବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତ୍ରୁଟି ସଂଶୋଧନ ପାଇଁ ପଦକ୍ଷେପ ନିଆଯାଉଛି।

HS

## ଷ୍ଟାମ୍ପ ଶୁଳ୍କ ଛାଡ଼

ରାଜ୍ୟ ସରକାର ପିଏମ୍ ସ୍ୱନିଧି ଯୋଜନା ଅନ୍ତର୍ଗତ ସମସ୍ତ ଉଠାଦୋକାନୀଙ୍କ ଷ୍ଟାମ୍ପ ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ କରିଛନ୍ତି। ତିନୋଟି ଋଣ ପର୍ଯ୍ୟାୟରେ ଲାଗୁହେଉଥିବା ଷ୍ଟାମ୍ପ ଶୁଳ୍କକୁ ଛାଡ଼ ପାଇଁ ଭାରତୀୟ ଷ୍ଟାମ୍ପ ଆଇନ ଓ ୧୮୯୯ ଧାରା ୯(୧)(କ) ଅନୁଯାୟୀ ନିଷ୍ପତ୍ତି ନିଆଯାଇଛି।

Desk

## ସ୍କୁଲ ଛୁଟି

ରାଜ୍ୟରେ ଗ୍ରୀଷ୍ମ ଛୁଟି ପରେ ଆସନ୍ତାକାଲିଠାରୁ ବିଦ୍ୟାଳୟ ଖୋଲିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଶ୍ରୀ ଗଣ୍ଡ କହିଛନ୍ତି, ରାଜ୍ୟରେ ମୌସୁମୀ ପ୍ରବାହ ଆରମ୍ଭ ହୋଇଥିବାରୁ ପାଗ ଅପେକ୍ଷାକୃତ ଭାବେ ଥଣ୍ଡା ରହିଛି। ଗ୍ରୀଷ୍ମ ପ୍ରବାହ ହ୍ରାସ ପାଇନଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

Desk

## ସୁବର୍ଣ୍ଣପୁର ସ୍କୁଲ କଲେଜ ଛୁଟି

ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସୁବର୍ଣ୍ଣପୁର ଜିଲ୍ଲାରେ ଆସନ୍ତା ଶନିବାର ପର୍ଯ୍ୟନ୍ତ ସମସ୍ତ ସ୍କୁଲ ଓ କଲେଜର ଛୁଟି ଅବଧି ବୃଦ୍ଧି କରାଯାଇଛି । ଏଥିସହ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରକୁ ମଧ୍ୟ ବନ୍ଦ ରଖାଯିବା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

Desk

## ନିଟ୍ ପରୀକ୍ଷାର୍ଥୀ

ନିଟ୍ ପରୀକ୍ଷାର୍ଥୀଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଃଶୁଳ୍କ ବସ୍‌ସେବାର ବ୍ୟବସ୍ଥା କରାଯାଇଛି । ଓଏସ୍‌ଆର୍‌ଟିସି, ମୁଖ୍ୟମନ୍ତ୍ରୀ ବସ୍‌ସେବା ଓ ଆମ ବସ୍ ମାଧ୍ୟମରେ ପ୍ରମୁଖ ରେଳଷ୍ଟେସନ ଏବଂ ବସ୍‌ଷ୍ଟାଣ୍ଡରୁ ଛାତ୍ରଛାତ୍ରୀମାନେ ପରୀକ୍ଷାକେନ୍ଦ୍ର ପର୍ଯ୍ୟନ୍ତ ଏହି ସେବା ପାଇପାରିବେ । ପରୀକ୍ଷା ଶେଷ ପରେ ପ୍ରତ୍ୟାବର୍ତ୍ତନ ପାଇଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ବିନାମୂଲ୍ୟରେ ବସ୍‌ସେବା ଯୋଗାଇ ଦିଆଯିବ । ରାଜ୍ୟର ୧୩୨ଟି କେନ୍ଦ୍ରରେ ପରୀକ୍ଷା ଦେବାକୁ ଥିବା ସମସ୍ତ ପରୀକ୍ଷାର୍ଥୀ ସରକାରଙ୍କ ଦ୍ୱାରା ପରିଚାଳିତ ବସ୍ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ବସ୍‌ରେ ଆଡମିଟ୍ କାର୍ଡ ଦେଖାଇ ଏହି ସୁବିଧାର ପାଇପାରିବେ । ଏହି ସେବା ସମ୍ପର୍କରେ ପରୀକ୍ଷାର୍ଥୀଙ୍କ ନିକଟରେ ସୂଚନା ପହଞ୍ଚାଇବାକୁ ସମ୍ପୃକ୍ତ ଆର୍‌ଟିଓ'ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

Desk

## ଗୋପବନ୍ଧୁ-ପୂଣ୍ୟତିଥି

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପୂଣ୍ୟତିଥିରେ ରାଜ୍ୟବାସୀ ଆଜି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ସେବା, ସଂଗ୍ରାମ, ସଂସ୍କାର ଓ ତ୍ୟାଗର ପ୍ରତୀକ ପଣ୍ଡିତ ଗୋପବନ୍ଧୁ ୧୮୭୭ ମସିହା ଅକ୍ଟୋବର ମାସ ୯ ତାରିଖରେ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ନିକଟସ୍ଥ ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ମାନବ ସେବାକୁ ମାଧବ ସେବା ଭାବେ ନୀତି କରିଥିବା ଗୋପବନ୍ଧୁ କର୍ମକୁ ଜୀବନର ମାନଦଣ୍ଡ ଭାବେ ବାଛିଥିଲେ।

ଗୋପବନ୍ଧୁ ୧୯୧୭ ମସିହାରୁ ୧୯୨୧ ମସିହା ପର୍ଯ୍ୟନ୍ତ ବିହାର-ଓଡ଼ିଶା ବିଧାନସଭାର ସଦସ୍ୟ ଏବଂ ୧୯୨୧ ମସିହାରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ। ପୂର୍ବରୁ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀରେ ସକ୍ରିୟ ଭୂମିକା ଗ୍ରହଣ କରିବା ସହିତ ୧୯୦୯ ମସହାରେ ପୁରୀର ସତ୍ୟବାଦୀଠାରେ ବକୁଳ ବନବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ସେ ମଧ୍ୟ ଅଗ୍ରଣୀ ଦୈନିକ ଖବରକାଗଜ 'ସମାଜ'ର ପ୍ରତିଷ୍ଠାତା ଥିଲେ।

ଜଣେ ଛାତ୍ରବତ୍ସଳ ଶିକ୍ଷକ, ସମାଜ ସଂସ୍କାରକ, ଦାର୍ଶନିକ, ଲେଖକ ଏବଂ ରାଜନୈତିକ ଭାବରେ ସୁପରିଚିତ ଉତ୍କଳମଣି ଗୋପବନ୍ଧୁ ୧୯୨୮ ମସିହା ଆଜିର ଦିନରେ ଇହଧାମ ତ୍ୟାଗ କରିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି ଓଡ଼ିଶାର ସେବା, ଶିକ୍ଷା ଓ ମାନବତା ପ୍ରତି ତାଙ୍କ ଅବଦାନ ସଦାସର୍ବଦା ସ୍ମରଣୀୟ ରହିବ।

Desk

## ଓଟିଇଟି ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ଓଟିଇଟି ପରୀକ୍ଷା ପାଇଁ ଆଜିଠାରୁ ଆଡମିଟ୍ କାର୍ଡ ୱେବସାଇଟ୍‌ରେ ଉପଲବ୍ଧ ହୋଇଛି। www.bseodisha.nic.in ଓ www.bseoexams.orgରୁ ପରୀକ୍ଷାର୍ଥୀମାନେ ଡାଉନଲୋଡ୍ କରିପାରିବେ। ପରୀକ୍ଷା ସମ୍ବନ୍ଧୀୟ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସେମାନେ କଣ୍ଟ୍ରୋଲ ରୁମ୍‌କୁ ଫୋନ୍‌କରି ସହାୟତା ପାଇପାରିବେ। ଏଥିପାଇଁ ପରିଷଦ ପକ୍ଷରୁ ଖୋଲାଯାଇଥିବା କଣ୍ଟ୍ରୋଲରୁମ୍ ଟେଲିଫୋନ୍ ନମ୍ବର ୦୬୭୧-୨୪୧୨୦୫୯, ୮୦୯୩୨୩୩୫୪୪ ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଓଟିଇଟି ପରୀକ୍ଷା ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ୩୧୧ଟି କେନ୍ଦ୍ରରେ ୯୭ ହଜାର ୧୫୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଦୁଇଟି ପର୍ଯ୍ୟାୟରେ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ପରୀକ୍ଷା ସକାଳ ୯ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଅପରାହ୍ନ ୨ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ପରିଚାଳିତ ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

Desk

## ପୁରୀ ରଥଯାତ୍ରା

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ତିନିରଥର ନିର୍ମାଣ କାର୍ଯ୍ୟ ଜାରି ରହିଛି। ତିନିରଥ ଉପରେ ପ୍ରଥମ ଭୂଇଁପଡ଼ି ମୂଳକଇଁଚି ପକାଯାଇଛି। ରଥଚାଳିରେ ମହାରଣା ସେବକମାନେ ୧୩ ପରସ୍ତ ପୋଟଳର ନିର୍ମାଣ କାର୍ଯ୍ୟ ଶେଷ କରିଛନ୍ତି। ପାରାଭାଡ଼ି କାର୍ଯ୍ୟ ସରିବା ପରେ ପୋଟଳ ସଂଯୋଗ କରାଯିବ। ରଥରେ ପଟାବାଡ଼ିଆ କାର୍ଯ୍ୟ ଚାଲିଛି। ରୂପକାର ସେବକମାନେ ଗୋଟିଏ ଲେଖାଏଁ ଚାରପରିଚ୍ଛାରେ ପଦ୍ମଫୁଲ, ମୟୂର, ଡାଳିଲତା ଶେଷ କରିଛନ୍ତି। ଦୁଆରବେଢ଼ା ପାଇଁ ନାଟଗୋଡ଼'ଗୁଡ଼ିକରେ କନ୍ଦର୍ପ ରୂପ ଖୋଦେଇ ଜାରି ରହିଛି। ଚିତ୍ରକାର ସେବକ ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତିରେ ଓ ତିନିରଥର ବାହ୍ୟଅଂଶରେ ରଙ୍ଗ ଦେଉଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ପୋଟଳ ପାଇଁ ବାଗିଆକଣ୍ଟା, ଜଙ୍ଘାକଣ୍ଟା ଓ ଓଲଟଶୁଆ ଯୋଡ଼ିବା ନିମନ୍ତେ ନରାଜକଣ୍ଟା ନିର୍ମାଣ କରୁଛନ୍ତି।

HS

## ଶିବବିବାହ

ଭୁବନେଶ୍ୱରସ୍ଥିତ କେଦାରଗୌରୀ ମନ୍ଦିରରେ ଆସନ୍ତାକାଲି ଶିବବିବାହ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରଭୁ ଲିଙ୍ଗରାଜ ଓ ମା' ଗୌରୀଙ୍କ ନିର୍ବନ୍ଧ କାର୍ଯ୍ୟ ଆଜି ରାତି ପ୍ରାୟ ୧୦ଟା ସୁଦ୍ଧା ସମ୍ପନ୍ନ ହେବ। ନିର୍ବନ୍ଧ ପାଇଁ ଅଷ୍ଟଚଣ୍ଡୀଙ୍କୁ ସାଥୀରେ ଧରି ପ୍ରଭୁ ଲିଙ୍ଗରାଜ କେଦାରଗୌରୀ

ମନ୍ଦିରରେ ପହଞ୍ଚିବେ। ଶିବବିବାହ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ୬୦୦ ବରଯାତ୍ରୀଙ୍କ ପାଇଁ ବ୍ୟବସ୍ଥା କରାଯାଇଛି।

HS

## ଶୀତଳଷଷ୍ଠୀ

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ଆସନ୍ତା ଶନିବାର ଦିନ ସହରର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଛୁଟି ଘୋଷଣା କରାଯାଇଛି। ଏଥିସହ ସମ୍ବଲପୁର ଉପଖଣ୍ଡର ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହାମଧ୍ୟରେ ଶିବବିବାହ ପାଇଁ ମହାଦେବଙ୍କ ନିମନ୍ତେ କନ୍ୟାଖୋଜା ବିଧି ଶେଷ ହୋଇଛି। ମହାଦେବ ଓ ପାର୍ବତୀଙ୍କ ମଧ୍ୟରେ ବିବାହ ଦିନ ମଧ୍ୟ ସ୍ଥିର କରାଯାଇଛି। ଏହାପୂର୍ବରୁ ନନ୍ଦପଡାର ବମ୍ବରାଡ ବାଲୁଙ୍କେଶ୍ୱର ମହାଦେବ, ଝାରପଡ଼ାର ବାବା ଲୋକନାଥ, ମୁଦିପଡ଼ା ଜାଗେଶ୍ୱର ବାବା, ଠାକୁରପଡ଼ାର ଗୁପ୍ତେଶ୍ୱର ବାବା, ବଡ଼ବଜାରର ଶୀତଳେଶ୍ୱର ବାବାଙ୍କ ପତ୍ରପେଣ୍ଠି ସମ୍ପନ୍ନ ହୋଇଛି।

Desk

# ବିଶ୍ୱ କୁମ୍ଭୀର ଦିବସ

ପରିବେଶ ସନ୍ତୁଳନରେ କୁମ୍ଭୀରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ସେମାନଙ୍କର ବାସସ୍ଥାନକୁ ସୁରକ୍ଷା ଦେବାର ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଜି ବିଶ୍ୱ କୁମ୍ଭୀର ଦିବସ ପାଳନ

କରାଯାଉଛି । ଇତିହାସ ପୃଷ୍ଠାରୁ ଜଣାଯାଏ ଯେ, କୁମ୍ଭୀରମାନେ ୨୦୦ ନିୟୁତ ବର୍ଷରୁ ଅଧିକ ସମୟ ଧରି ଅସ୍ତିତ୍ୱରେ ଥିବା ପ୍ରାଚୀନ ସରୀସୃପ । କୁମ୍ଭୀର ପ୍ରଜାତି, ଡାଇନୋସର ଯୁଗର ବଂଚି ରହିଥିବା ପ୍ରାଣୀ, ସ୍ଥିରତା, ଅନୁକୂଳନ ଏବଂ ପରିବେଶଗତ ସନ୍ତୁଳନକୁ ପ୍ରତିନିଧିତ୍ୱ କରିଥାନ୍ତି । ଚଳିତବର୍ଷ ବିଶ୍ୱ କୁମ୍ଭୀର ଦିବସର ବିଷୟବସ୍ତୁ ରହିଛି-**ପ୍ରତ୍ୟେକ ପିଢ଼ି ପାଇଁ ଗୁରୁତ୍ୱ ।**

Desk

## ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି । କାଳବୈଶାଖୀ ପ୍ରଭାବରେ ଆସନ୍ତା ଚବିଶ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବାନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ଝାରସୁଗୁଡ଼ା, ସମ୍ବଲପୁର ଜିଲ୍ଲାରେ ଏହି ସମୟ ମଧ୍ୟରେ ଗ୍ରୀଷ୍ମପ୍ରବାହ ନେଇ ଆକଳନ କରାଯାଇଛି । ଆଗାମୀ ତିନି-ଚାରି ଦିନ ମଧ୍ୟରେ ତାପମାତ୍ରା ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି । ଆସନ୍ତା ଶନିବାର ପର୍ଯ୍ୟନ୍ତ କାଳବୈଶାଖୀ ପ୍ରଭାବ ଲାଗିରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।